ଦୁର୍ବାସାଙ୍କର କୁନ୍ତୀଙ୍କ ପୁତ୍ର ଦର୍ଶନ କାଳରେ ହରି ଅର୍ଜୁନଙ୍କର ସାକ୍ଷାତ । ବ୍ୟାସଙ୍କୁ କୃଷ୍ଣ-ଅର୍ଜୁନର ମିତ୍ରତା ଯୁଗ ଯୁଗ କରି ହେବା ବର୍ଣ୍ଣନା । କୃଷ୍ଣଙ୍କ ଦ୍ୱାରା ବିଶ୍ୱରୂପ ଦର୍ଶନ

ଦୁର୍ଭାସା ବୋଇଲେ ଆଗୋ କୁନ୍ତଭୋଜର କୁମାରୀ
ଦେଖିବା ଆଣନି ଗୋ ପୁତ୍ରନ୍ତ ତୋହୋରି । ୧ ।
ଶୁଣିଣ ଉଷତ ଯେ ପଣ୍ଡୁର ପାଟରାଣୀ
ଯୁଝେଷ୍ଠି ଭୀମ ଅର୍ଜୁନ ତିନି କଇ ଆଣି । ୨ ।
ପୁତ୍ରନ୍ତ ଘେନିଣ ସେ ଭୋଜର ନନ୍ଦନୀ
ଶତସହସ୍ର ଦଣ୍ଡ ପ୍ରଲମ୍ବ ଦୁର୍ଭାସା ମହାମୁନି । ୩ । ସଂଖ୍ୟା
ଦୁର୍ଭାସାୟେ ବୋଇଲେ ତୋର ପୂରୁ ମନବାଞ୍ଛା
ସୁଖେ ପଞ୍ଚୁ କଟକ ଭୋଗ କର ଯେ ତୋହୋର ସଇଚ୍ଛା । ୪ ।
ନାରାୟଣ ନିରୋପନ୍ତି ଯୁଝେଷ୍ଠିଙ୍କ ବଦନ
ଶୁକ୍ଳାମ୍ବର ପୁରୁଷ ୟେ ପ୍ରତକ୍ଷେ ନିରଞ୍ଜନ । ୫ ।
ଧବଳ ଶରୀର ଶୁଦ୍ଧ ସଷ୍ଟିକର ପ୍ରାୟେ
ନାରାୟଣ ପ୍ରଣପତ୍ୟ ହୋଇଲେ ଯୁଝେଷ୍ଠିଙ୍କ ପଦ୍ମପାୟେ । ୬ ।
ମହା ଧାର୍ମିକ ସେ ବିବେକ ଗୁଣବନ୍ତା
ଅଜପା ଲୟେ କଲ୍ୟାଣ କଲେ ନ କହିଣ କଥା । ୭ ।
ନାରାୟଣ ବିଚାରନ୍ତି ୟେ ପୁରୁଷ ମହାବ୍ରହ୍ମ
ଜନ୍ମର ସୁଫଳ ହୋଇଲା ପାଇଲି ଦରଶନ । ୮ ।
ଅନେକ ସାନନ୍ଦ ସେ ହୋଇଲେ ଦେଖିଣ ଅର୍ଜୁନକୁ
ହୃଦରେ ଲଗାଇ ବୋଇଲେ ମୋହୋର ୟେହି ସେ କଳାବୁକୁ । ୯ ।
ଗଳାରେ ଲମ୍ବାଇଲେ କୃଷ୍ଣ ମରକତ ମଣି
ଅନେକ ଅଳଙ୍କାର ଆଭରଣ କଲେ ଦେବ ଚକ୍ରପାଣି । ୧୦ ।
ଅନେକ ସନ୍ତୋଷେ ନାରାୟଣ ବୋଇଲେ
କୋଳରେ ଧରି ହରି ଦୁତିକୃଷ୍ଣ ନାମ ଦିଲେ । ୧୧ ।
ଯହୁଂ ଅର୍ଜୁନକୁ କୋଳେ ଧଇଲେ ଶ୍ରୀପତି
ସରୂପ ବାରଣ ନୋହିଲା ଦୁହିଂଙ୍କର ୟେକ ମୂର୍ତ୍ତି । ୧୨ ।
ଅର୍ଜୁନକୁ ଘେନିଣ ଦେବ ବନମାଳୀ
ମଥୁରା ନ ଗଲେ ଶତଶିଂଗ ପର୍ବତେଣ ଖେଳି । ୧୩ ।

-----------

୭ ।୨ ଅକ୍ଷୟ କଲ୍ୟାଣ କଲେ ଦେବ ନ କହିଲେ କଥା ।
୮ ।୨ ଜନ୍ମର ସୁଫଳ ହୋଇଲା ଭେଟିଲି ନିରଞ୍ଜନ ।
୮ ନାରାୟଣ ବିଚାରନ୍ତି ୟେ ପୁରୁଷ ମହାବ୍ରହ୍ମି ।
ଜନ୍ମର ସୁଫଳ ମୋର ଦେଖିଲି ଦେବସ୍ୱାମୀ ।
୧୩ ।୨ ମଥୁରାରୁ ଆସନ୍ତି ଶତଶିଂଗ ପର୍ବତକୁ ଖେଳି
ମଥୁରାଉଂ ଆସନ୍ତି ଶତଶିଂଗ ପର୍ବତେଣ ଖେଳି ।
୬ ।୧ ସଷ୍ଟିକ-ସ୍ଫଟିକ ।

ମହା ଅରଣ୍ୟେ ପଶନ୍ତି କ୍ରୀଡା ରଙ୍ଗରସେ
ରାତ୍ରେଣ ଅର୍ଜୁନର ମେଳେ, ମଥୁରା ଦିବସେ । ୧୪ ।
କୃଷ୍ଣ ଅର୍ଜୁନ ଦୁହେଂ ଅଛନ୍ତି ଯମୁନା କୂଳେ ବସି
ବାରି ତ ନ ହୁଅନ୍ତି ଦୁହେଂ ୟେକ ସରୂପ ପ୍ରାୟେ ଦିଶି । ୧୫ ।
ହସନ୍ତି ରସନ୍ତି ଖେଳନ୍ତି ସେ କ୍ରୀଡା ରଙ୍ଗ ରସେ
ୟେମନ୍ତର ସମୟେ ଆସି ମିଳିଲେ ମୁନି ବ୍ୟାସେ । ୧୬ ।
ବ୍ୟାସଙ୍କୁ ଦେଖି ଉଠିଲେ କୃଷ୍ଣ ଅରଜୁନ

ଶତସହସ୍ର ଦଣ୍ଡ ପ୍ରଲମ୍ବ ହୋଇଲେ ପଣ୍ଡୁନାନ । ୧୭ । ସଂଖ୍ୟା
ବ୍ୟାସେ ପ୍ରତିବାକ୍ୟ ତୁମ୍ଭର ବହୁତ ଅନ୍ତର
ଶତଶିଂଗ ପର୍ବତକୁ ମଥୁରା ଚାରି ସହସ୍ର ଯୋଜନ ଦୂର । ୧୮ । ସଂଖ୍ୟା
ଯେତେ ଦୂରେ ଥାଇଂ ତୁମ୍ଭର କେମନ୍ତେ ଯେତେକ ପୀରତି
ମନୁଷ୍ୟ ଦେଖି ନାରାୟଣ କେମନ୍ତେ ଧୀର ମତି । ୧୯ ।
ନାରାୟଣ ବଦନ୍ତି ଶୁଣ ମୁନି ବ୍ୟାସେ
କୁମୁଦ ଥାଇ ଜଳେ ଚନ୍ଦ୍ର ଥାଇ ଆକାଶେ । ୨୦ ।
ଦୁଇ ଲକ୍ଷ ଯୋଜନ ବହୁତ ଅନ୍ତର
କୁମୁଦବନ୍ଧୁ ନାମ କି– । ବହିଲା ଶଶଧର । ୨୧ । ସଂଖ୍ୟା
ଯାହାରେ ଯାହାରେ ସେ ଅଟଇ ପ୍ରୀତିଭାବ
କେ ଆକାଶେ କେହୁ ପାତାଳେ କେହୁ ରାତ୍ର ଦିବ । ୨୨ ।
ଦୀପିତ ସତ୍ୟଯୁଗେ ମୁଂ ନାରାୟଣ ଅବତାର
ଯେ ମୋହୋର ଅର୍ଜୁନ ଅଟଇ ବ୍ରାହ୍ମଣ ଦାମୋଦର । ୨୩ ।
ଶୁକ୍ଳାମ୍ବର ସତ୍ୟଯୁଗେ ଅଣାକାର ବିଷ୍ଣୁ ଦ୍ୱାରେ
ଜୟେ ବିଜୟେ ହୋଇ ଥାଇଂ ବୈକୁଣ୍ଠ ପୁରେ । ୨୪ ।
ଭବାନୀ ସତ୍ୟଯୁଗେ ମୁଂ ଅଟଇ ନୀଳାମ୍ବର
ଯେ ମୋହୋର ସଖା ଅଟଇ ରୁଦ୍ର ଅବତାର । ୨୫ ।
ବିଧୃତ ସତ୍ୟଯୁଗେ ମୁଂ ଅଟଇ ବିଷ୍ଣୁ ନାଥ
ସନକ ନାମେ ବ୍ରହ୍ମା ଯେ ମୋର ପଞ୍ଚଭୂତ । ୨୬ ।

------------

୨୦ କୁମୁଦ ଥାଇ ଯେ ଅକାଦ ଜଳ ଗମ୍ଭୀରେ
ଚନ୍ଦ୍ର ଦେବତା ଥାଇ ଆକାଶ ଶୂନ୍ୟ ପୁରେ ।
୨୩ ।୧ ଦୀପ୍ତି ସତ୍ୟଯୁଗେ ମୁଂ ଅଣାକାର ଅବତାର ।

ଅଭିନ୍ନ ସତ୍ୟଯୁଗେ ମୁଂ ଅଟଇ ଅନନ୍ତ
ଇନ୍ଦ୍ର ଅବତାରେ ଯେ ମୋହୋର ପ୍ରାଣହିତ । ୨୭ ।
ହରି ମେଖଳା ସତ୍ୟଯୁଗେ ମୁଂ ଗରୁଡ ନାରାୟଣ
ଯେ ମୋହୋର ମିତ୍ର ଟି ଶ୍ରୀବସ୍ତ ବ୍ରାହ୍ମଣ । ୨୮ ।
ଯେହୁ ମୋହୋରେ ପ୍ରୀତିହୋଇ ବହୁତ ଗର୍ବ କଲା
ତୋ ତହୁଂ ବଡ ହୋଇବି ବୋଲି ବୋଲିଣ ବୋଇଲା । ୨୯ ।
ସେ କଥାକୁ ଯେହାକୁ ମୁଂ ଅନେକ ରାଗ କଲି
ଅନ୍ଧ ଅନ୍ଧୁଣୀ ଘରେ ଜାତ କରାଇଲି । ୩୦ ।
ଦରିଦ୍ର ଅବସ୍ଥା ହୋଇ ମାଗୁଥାଇ ଭିକ୍ଷା
ଯେତେ ଶାସ୍ତି ହେଲା ମୋତେ ଦଣ୍ଡେହେଂ ନ କଲା ଉପେକ୍ଷା । ୩୧ ।
ଦିନେ ଭିକ ମାଗି ଯାଉଅଛି ଯେ ନଗ୍ରକୁ
ମାୟା କରି ଲୁଚାଇଲି ମୁଂ ଲୋକ ଯେ ମାନଙ୍କୁ । ୩୨ ।
ଅପାର ନଗ୍ର ଉଡ୍ରାଦି ଶିବପୁର ଆଦି କରି
ଆରତେଣ ଭ୍ରମିଲାନି ଦେଶ ନଗ୍ର ଚାରି । ୩୩ ।
ଜନ ମନୁଷ୍ୟ କାହିଂ ଯେ ନ ଦେଖି
ବାହୁଡି ଆଶ୍ରମକୁ ଆସଇ ମହାଦୁଖୀ । ୩୪ ।
ଜଗନ୍ନାଥ ପାଷାଣ ଯେ ଦେଖିଣ କୋପ କଲା
ବାମ ପାଦ ନେଇ ମୋର ହୃଦରେ ମାଇଲା । ୩୫ ।
ମୂର୍ଚ୍ଛିବନ୍ତ ହୋଇଣ ମୁହିଂ ଉଭା ଯେ ହୋଇଲି
ବଥା ପାଇଲୁ ବୋଲି ମୁଂ ତାର ବେନି ପାଦ ମଞ୍ଜାଳିଲି । ୩୬ ।
ଭୋ ବ୍ୟାସେ ଯେହାର ମୋହୋର ଭାବ ଯେତେ ହାଦେ

ଯେହାର ପାଦଚିହ୍ନ ଦେଖ ହୋ ମୋହୋର ହୃଦେ । ୩୭ ।
ହିରଣ୍ୟ ସତ୍ୟଯୁଗେ ମୁଂ ନରସିଂହ ମୂରତି
ଯେହୁ ପ୍ରହଲାଦ ରୂପେ ହିରଣ୍ୟ ଘରେ ଉତପତ୍ତି । ୩୮ ।
ହିରଣ୍ୟ ବିଦାରି ମୁଂ ଯେହାଙ୍କୁ ବସାଇଲି କୋଳେ
ଚିରନ୍ତନ ପଦ ଦେଲି ଗଗନ ମଣ୍ଡଳେ । ୩୯ ।
କୁତୁହୋଳ ଇଛାୟେ ସାଂଗ୍ରାମ ପୁଣ କଲୁ
ଶସ୍ତ ପ୍ରଶସ୍ତ ହୋଇଣ ଅବତାର ହେଲୁ । ୪୦ ।
ଗ୍ରହଯୋଗ ଇଛାହିଂ ହୋଇ କୁତୁହୋଳେ
ନାମ ବହିଲୁ ହାଦେ ଆମ୍ଭେ କେତୁ ଯେ ମଙ୍ଗଳେ । ୪୧ ।
ମୁହିଂ କେତୁ ହାଦେ ମଙ୍ଗଳ ଅଟେ ଯେହୁ
କାଳ ଅନରୂପେ ଆମ୍ଭେ ଛଡ଼ା ଛଡି ନୋହୁଂ । ୪୨ ।
ଯେ ମହୀ ମଣ୍ଡଳେ ସତ୍ୟଯୁଗେ ପ୍ରଶୁରାମ ଅବତାରେ
ଦୁହେଂ ଜନମ ହୋଇଲୁ ଜମଦ ଅଗ୍ନି ଘରେ । ୪୩ ।
ମୁହିଂ ପରଶୁରାମ ଯେ ଅଟଇ ନୀଳରାମ
କ୍ଷତ୍ରୀ ଅନ୍ତ କରିମ ପାଳିଲୁଂ ଅନେକ ଧର୍ମ । ୪୪ ।
ତ୍ରିଜୀବି ହୋଇଲୁଂ ପ୍ରଶୁରାମ ଅବତାରେ
ଆନ କଳାୟେ ଉପୁଜିଲୁଂ ଦଶରଥ ଘରେ । ୪୫ ।
ମୁହିଂ ଯେ ହାଦେ ଶ୍ରୀରାମ ଯେ ଅଟଇ ବୀର ଭ୍ରଥ
ଯେବେ ଦ୍ୱାପରଯୁଗେ ଆମ୍ଭେ ହୋଇଲୁ କୃଷ୍ଣ ପାଥ । ୪୬ ।
ଅନେକ ଅବତାର ଆମ୍ଭେ ହୋଉଅଛୁଂ ଯେହି ମତେ
ତୁମ୍ଭେ ବ୍ୟାସେ ଆମ୍ଭନ୍ତ ଅନ୍ତର କର ଯେ କେମନ୍ତେ । ୪୭ ।
ବ୍ୟାସେ ବୋଇଲେ ତୁମ୍ଭେ କହିଲ ଦେବରାଜା
ମୋତେ ନାରାୟଣ, ଦେଖି, ସ-୍ତେ ଉପୁଜା । ୪୮ ।
କୃଷ୍ଣ ଅର୍ଜୁନ ତୁମ୍ଭେ ଯେକ କଳା ବେନି
ଭାରାଭର ନିବାରଣ ଅର୍ଥେ ତୁମ୍ଭେ ଉତପତ୍ତି ହୋଇଲ ମେଦିନୀ । ୪୯ ।
ତୁ ସ୍ୱାମୀ ଯେହାକୁ ବିଶ୍ୱରୂପ ଦେଖା
ଯେ ଯେବେ ଦେଖି ପାରଇ ଅଟଇ ତୋର ସଖା । ୫୦ ।
ଗୋବିନ୍ଦେ ବୋଇଲେ ହୋ କେମନ୍ତ ଫାଲଗୁନି
ଅର୍ଜୁନ ବୋଇଲେ ସଂପ୍ରତେ ଯାନ୍ତୁ ବ୍ୟାସ ମହାମୁନି । ୫୧ ।
କେମନ୍ତ ଟି ବିଶ୍ୱରୂପ ଅଟଇ ତୋହୋର
ଦେଖିବାକୁ ଇଛା ଦେବ ଅଛଇ ମୋହୋର । ୫୨ ।
ନାରାୟଣ ପ୍ରସନ୍ନ ହୋଇଲେ ଅର୍ଜୁନ ବଚନେ
ଧଇଲେ ବିଶ୍ୱରୂପ ଦେବ ସ୍ୱାମୀ କମଳଲୋଚନେ । ୫୩ ।

-----------

୪୬ ମୁହିଂ ଶ୍ରୀରାମ ଯେ ଅଟଇ ଲକ୍ଷଣ ।
ତ୍ରେତୟାରେ ଉପୁଜିଲୁ ଯେସନ ରୂପେଣ ।
୪୮ ।୨ ମୋତେ ନାରାୟଣ ତୁ ସ-୍ତେ ଉପୁଜା ।

ବ୍ୟାସଙ୍କ ବଚନେ ଅର୍ଜୁନ କୁତୋହୋଳେ
କ୍ଷଣକେ ମୂର୍ଦ୍ଧନି ଲାଗିଲା ଗଗନମଣ୍ଡଳେ । ୫୪ ।
ଆକାଶେ ଘୋଟିଲା ସେ ନାରାୟଣ କାୟା
ସ୍ୱର୍ଗେ ଶିର ହୋଇଲା ଅଦଭୁଦେ ମାୟା । ୫୫ ।
ଆକାଶେଣ ଶିର ପାଦ ଯେ ରାସାନ୍ତଳ
ମଧ୍ୟ ଭୁବନ ହୋଇଲା ନାଭି ଯେ ମଣ୍ଡଳ । ୫୬ ।
ଶୂନ୍ୟ ମଣ୍ଡଳ ଯେ ବକ୍ଷସ୍ଥଳେ ହୋଇଲା

ମଣ୍ଡଳ ଶିଖା ଖଣ୍ଡି ଗଣ୍ଡସ୍ଥଳେ ବିକାଶିଲା ।୫୭ ।
ବେନି ଲୋଚନ ଯେ ହୋଇଲା ଚନ୍ଦ୍ର ସୂର୍ଯ୍ୟେ
ଦେବତାୟେ ରୋମାବଳୀ ହୋଇଲେ ସହଜେ । ୫୮ ।
ଚକ୍ରଧର ସ୍ୱାମୀ ହୋଇଲେ ଚତୁର୍ଭୁଜେ
ପଞ୍ଚବିଂଶ ଅଗ୍ନି ବିରାଜିଲେ ତେଜେ । ୫୯ ।
କରତଳ ମଧ୍ୟେ ଯେ ବିକାଶିଲେ ଅଙ୍ଗୁଷ୍ଠି
ପର୍ବତମାନେ ତହିଂ ହୋଇଲେ ଗୋପ୍ୟାନଟି । ୬୦଼ ।
ସପତ ସାଗର ଯେ ସିନ୍ଧୁ ମହାଘୋଷ
ଦକ୍ଷିଣ କରସ୍ଥଳେ ସେ ହୋଇଲା ଗଣ୍ଡୂଷ । ୬୧ ।
ନାରାୟଣ କରତଳେ ରହିଲା ଯହୁଂ ପାଣି
ତହୁଂ ସେ ଭୁଜକୁ ପାଣି ବୋଲିଣ ବଖାଣି । ୬୨ ।
ଚାରିଖାନି ଚଉରାଶୀ କୋଟି ଜୀବ ପୃଥିବୀର ମୂଳେ
ୟେମାନେ ରହିଲେ ନାରାୟଣଙ୍କ ବାମ କରସ୍ଥଳେ । ୬୩ । ସଂଖ୍ୟା
ୟେହେନେକ ବିଶ୍ୱରୂପ ଧଇଲେ ଜଗତଭୂତ
ୟେକା ଶରୀର ବିକାଶିଲା ତିନି ଯେ ଜଗତ । ୬୪ । ସଂଖ୍ୟା
ଅର୍ଜୁନର ବଦନ ଚାହାନ୍ତି ମୁନି ବ୍ୟାସେ
ନ ପୂଣ ଦହିଜ ହୁଅଇ କୃଷ୍ଣର ତରାସେ । ୬୫ ।
------------
୫୭ ।୨ ମଣ୍ଡଳା ଶିଖିଖଣ୍ଡ ଅନେକ ବିକାଶିଲା ।
୬୩ ।୨ ୟେମାନେ ରହିଲେ ନାରାୟଣଙ୍କ ବକ୍ଷସ୍ଥଳେ ।
୬୫ ।୨ ତରାସେ-ଜ୍ୟୋତିରେ

ବ୍ରହ୍ମା ଦେବତା ଯାହା ଦେଖିତ ନୁଆରିଲା
କରସ୍ଥଳୀ ଗଙ୍ଗାରେ ବୁଡିଣ ପଡିଲା । ୬୬ ।
ଶ୍ୱେତରାଜା ଯଗ୍ୟ କାଳେ ଅଗ୍ନି କୁଣ୍ଡରେ ପାଂଶୁ
ରୁଦ୍ର ଦେବତା ତହିଂ ପଡି ଲୋଟି ହୋଇଲେ ଶୀତାଂଶୁ । ୬୭ ।
ସେ ପାଉଂଶରେ ପଡି ରୁଦ୍ର ଦେବତା ମୂର୍ଚ୍ଛା ଯାନ୍ତି
ତେଣୁ ସେ ହର ନାମ ବହିଲେ ପଶୁପତି । ୬୮ ।
ପବନ ଯେ ଆତଯାତ ନାରାୟଣଙ୍କ ନାସାଗ୍ରତେ
ତେଣୁ ସେ ବିଷ୍ଣୁ ବାତ ନାମ ବହିଲେ ମରୁତେ । ୬୯ ।
ସମସ୍ତ ବୁଡିଲା ନାରାୟଣଙ୍କ କାୟାକେ
ବିଷ୍ଣୁ ଆଶ୍ରକେ ରହିଲେ ସମସ୍ତ ବୃନ୍ଦାଅର୍କେ । ୭୦ ।
ଅର୍ଜୁନ ହସିଲା ବାଳୁତ ମତି ବୃଦ୍ଧପ୍ରାୟେ
ବୋଇଲା ଆବର ବଢିବୁ ନା ୟେତିକି ତୋର କାୟେ । ୭୧ ।
ଶୁଣିଣ ହସିଲେ ଯେ ପାରେଶ୍ୱର ସନ୍ତତି
ଭୋ ଦେବ ନାରାୟଣ ହୋଅସି ଶାନ୍ତିମୂର୍ତ୍ତି । ୭୨ ।
ୟେ କାୟା ଘୋଟିଲା ବ୍ରହ୍ମାଣ୍ଡ କୋଟି ଚାରି
ଅର୍ଜୁନ ବୋଇଲା ଭୋ ଦେବ ତୋହୋର ଅଛିଟି କି ଆହୁରି । ୭୩ ।
ମୁହିଂ ହାଦେ ତୋର ଉଦରେ ପଶଇ କାଳେ କାଳେ
ୟେ ତୋହୋର ଲୋମେ ମୁଂ ଲୀନ ହୋଇ ସର୍ବକାଳେ । ୭୪ ।
ମୁଂ ତୋତେ ଭୟ କଲି ନାଥ ଦେଖିଣ ତୋହୋର ବିଶ୍ୱମୂର୍ତ୍ତି
ଭାବେ ବୋଲଇ ଆହୁରି ବଢିବୁ ନା ଶିରୀପତି । ୭୫ ।
ବ୍ୟାସେ ବୋଇଲେ ମୋହୋର ତୋ ତହୁଂ ବାନ୍ଧବ ନାହିଂ ବୋଲି ଜାଣିଥିଲି
ଆଉ ୟେତେ ଜଣେ ଅଛି ବୋଲି ୟେବେ ସେ ପ୍ରତେ ଗଲି । ୭୬ ।
ବ୍ୟାସେ ବୋଇଲେ ଅର୍ଜୁନ ହୋ ତୋହୋର ଜୀବନ ସାଧୁ ସାଧୁ

ନାରାୟଣର ବଲ୍ଲଭ ତୁହି ସେ ପ୍ରାଣ ବନ୍ଧୁ । ୭୭ ।
ଅର୍ଜୁନର ଭୟ ଦେଖିଣ ଜନାର୍ଦ୍ଦନ
ଛାଡିଲେ ବିଶ୍ୱରୂପ ହୋଇଲେ ସାମାନ୍ୟ । ୭୮ ।
ଅର୍ଜୁନକୁ କୋଳ କରି ବଦୟନ୍ତି ମୁନି ବ୍ୟାସେ
ଭାରା ନିବାରଣ କରିବୁ ଭାରତେ ଭାରୋଇ ମଲ୍ଲ ତୁ ସେ । ୭୯ ।
ଅର୍ଜୁନକୁ ଛାଡିଲେ ଶତଶିଂଗ ପରବତେ
ବ୍ୟାସେ ତତକ୍ଷଣେ ହୋଇଗଲେ ଅନ୍ତର୍ଗତେ । ୮୦ ।
ଶ୍ରୀକୃଷ୍ଣ ଗଲେ ଯେ ମଥୁରା ଭୁବନେ
ଗୋପପୁରେ ପ୍ରବେଶ ବାଳୁତ ବିଧାନେ । ୮୧-୨୮୧୯ ।

----------

୬୮ ।୧  ସେ ଖାଇ କୁଣ୍ଡରେ ପଡି ରୁଦ୍ର ମୂର୍ଚ୍ଛାଯାନ୍ତି ।
୭୪ ।୨  ୟେ ତୋହୋର ଶରୀର ଲୀନ ହୋଅଇ ଯୋଗବଳେ ।
୭୦ ।୨  ବୃନ୍ଦାଅର୍କେ-ବୃନ୍ଦାରକେ, ଦେବତାମାନେ

*************